(୨୩)

ଭୋଟର ତାଲିକାରେ ନାମ ଦରଜ, ବାଦ୍, ସଂଶୋଧନ ନିମନ୍ତେ ଦରଖାସ୍ତ ଗ୍ରହଣ ଶେଷ ତାରିଖ ୨୦ ନଭେମ୍ବର ୨୦୧୨କୁ ବର୍ଦ୍ଧିତ ହେଲା

ଭୂବନେଶ୍ୱର ତା.୦୨.୧୧. ୨୦୧୨ ରିଖ :- ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ଘୋଷିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ୨୦୧୩ ର କାର୍ଯ୍ୟସୂଚୀ ଅନୁଯାୟୀ ଦାବୀ, ଆପତ୍ତି ଏବଂ ସଂଶୋଧନ ନିମନ୍ତେ ଦରଖାସ୍ତ ଗ୍ରହଣର ଶେଷ ତାରିଖ ୦୩ ନଭେମ୍ବର ୨୦୧୨ ରହିଥିଲା । କମିଶନ୍ ଙ୍କ ପରବର୍ତ୍ତୀ ଅଧିସୂଚନା ଅନୁଯାୟୀ ଭୋଟର ତାଲିକାରେ ନାମ ଦରଜ, ବାଦ୍ ଏବଂ ସଂଶୋଧନ ନିମନ୍ତେ ଦରଖାସ୍ତ ଗ୍ରହଣର **ଶେଷ ତାରିଖ ୨୦ ନଭେମ୍ବର ୨୦୧୨ କୁ ବର୍ଦ୍ଧିତ କରାଯାଇଛି ।** ଏହା ଫଳରେ ଇଚ୍ଛୁକ ବ୍ୟକ୍ତି ମାନେ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ସଂପୃକ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ସେମାନଙ୍କ ଦରଖାସ୍ତ ଦାଖଲ କରିବାର ସୁଯୋଗ ପାଇପାରିବେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଡଃ ମୋନା ଶର୍ମା ପ୍ରକାଶ କରିଛନ୍ତି ।

ଯେଉଁ ମତଦାତାଙ୍କର ଫଟୋ ଭୋଟର ତାଲିକାରେ ସ୍ଥାନିତ ହୋଇନାହିଁ, ସେମାନେ **ନଭେମ୍ବର ୨୦ ତାରିଖ ସୁଦ୍ଧା** ଦରଖାସ୍ତ ସହ ଫଟୋ ସଂଲଗ୍ନ କରି ସଂପୃକ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ଦାଖଲ କଲେ ସେମାନଙ୍କ ଫଟୋ ଭୋଟର ତାଲିକାରେ ସ୍ଥାନିତ ହେବାସହ ସେମାନଙ୍କୁ ବିନା ମୂଲ୍ୟରେ ଫଟୋ ପରିଚୟପତ୍ର ଯୋଗାଇଦିଆଯିବ ବୋଲି ଡଃ ଶ୍ରୀମତୀ ଶର୍ମା ସୂଚନା ଦେଇଛନ୍ତି ।

ଲଲାଟେନ୍ଦୁ ମହାପାତ୍ର
(ଲଲାଟେନ୍ଦୁ ମହାପାତ୍ର)
ସୂଚନା ଅଧିକାରୀ
ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗ